GOVERNMENT OF INDIA
NATIONAL LIBRARY, CALCUTTA

O.R.

Class No. 891.451

Book No. M268k

N. L. 38.

MGIPC—S8—21 LNL/59—25-5-60—50,000.

କୈବଲ୍ୟ-କଣିକା ।

KAIBALYA KANIKĀ

ଶ୍ରୀ ଚିନ୍ତାମଣି ମହାନ୍ତି—ବିରଚିତ ।

CINTAMANI MAHANTI

ଦଅ ଶକ୍ତି ବୀଣାପାଣି ଶକ୍ତି ପ୍ରଦାୟିକା,

ଭକ୍ତିରସେ ଗାଇବ ମୁଁ କୈବଲ୍ୟ-କଣିକା ।

CUTTACK.

Printed at the Cuttack Printing Company.

Limited.

1913

1347

ମୂଲ୍ୟ ୦।୵ ଅଣା ମାତ୍ର ।

25 % extra.

OR
891·451
M268R

NATIONAL LIBRARY
No 1977
Date 26-12-57
CALCUTTA

କୃତଜ୍ଞତା ସ୍ୱୀକାର ।

ସୁରଙ୍ଗୀର ରାଜକବି ମାନନୀୟ ଶ୍ରୀଯୁକ୍ତ ଚନ୍ଦ୍ରଚୂଡ଼ାମଣି ରାଜା ହରିଚନ୍ଦନ ଜଗଦେବ ମହୋଦୟଙ୍କ ପ୍ରଦତ୍ତ ସୁବି-ଧାରେ ମୁଁ କେତେଖଣ୍ଡ ପୁସ୍ତକ ଲେଖିଅଛି । "କୈବଲ୍ୟ-ଲତିକା" ସେଥିମଧ୍ୟରେ ଅନ୍ୟ-ତମ । ଦେଶଭକ୍ତ ରାଜା ମହୋଦୟ ମୋର ସାହିତ୍ୟସେବାର ସୁବିଧା କରି ଦେଇଥିବା ହେତୁ ମୁଁ ତାହାଙ୍କ ନିକଟରେ ଆନ୍ତ-ରିକ କୃତଜ୍ଞତା ଜ୍ଞାପନ କରୁଅଛି ।

ଗ୍ରନ୍ଥକାର ।

ପ୍ରୀତ୍ୟୁପହାର ।

ପରମ ପ୍ରଣୟାସ୍ପଦ !

ମୟୂରଭଞ୍ଜର ଲବ୍ଧପ୍ରତିଷ୍ଠ ଓଭରସିଅର ଶ୍ରୀଯୁକ୍ତ ଛକଡ଼ି ମହାନ୍ତି
ମହୋଦୟଙ୍କ ଅଭିନ୍ନ ହୃଦୟେଷୁ ।

ପ୍ରିୟତମ ବନ୍ଧୁବର !

ଆପଣ ଭଦ୍ରକର ଅନ୍ୟତମ ସୁପୁତ୍ର । ନାନାଭାବରେ ଆପଣ ଜନ୍ମଭୂମିର ଯଥାଶକ୍ତି ମଙ୍ଗଳସାଧନ କରୁଅଛନ୍ତି । ଆପଣଙ୍କର ପରୋପକାରିତା, ଉଚ୍ଚହୃଦୟବତ୍ତା, ସାରଲ୍ୟ ଏବଂ ନୈତିକସାହସାଦି ମାନବବାଞ୍ଛିତ ସଦ୍‌ଗୁଣାବଳୀର କଥା ମୁଁ ଜନଶ୍ରୁତି ମୁଖେ ଶୁଣିଥିଲି । ମାତ୍ର ମୟୂରଭଞ୍ଜ ଅବସ୍ଥାନକାଳରେ ସେଥିର ପ୍ରତ୍ୟକ୍ଷ ପ୍ରମାଣ ସ୍ୱୟଂ ଉପଲବ୍ଧି କରି ଅନିର୍ବଚନୀୟ ପ୍ରୀତି ଲାଭ କରିଅଛି ଏବଂ ସେହିଦିନରୁ ଆପଣଙ୍କୁ ମୁଁ ହୃଦୟର ଉଚ୍ଚାସନ ପ୍ରଦାନ କରିଅଛି । ସେଥିର ନିଦର୍ଶନସ୍ୱରୂପ ଏହି "କୈବଲ୍ୟ—କଣିକା" ପୁସ୍ତିକା ଖଣ୍ଡି ଆପଣଙ୍କୁ ପ୍ରୀତ୍ୟୁପହାର ଅର୍ପଣ କଲି । ଆଶା କରେଁ ଆପଣ ଏହି ବନ୍ଧୁଦତ୍ତ କ୍ଷୁଦ୍ର ଉପହାରଟିକୁ ସ୍ନେହ-ସାମଗ୍ରୀ ଜ୍ଞାନରେ ଗ୍ରହଣ କରିବେ ।

ଭଦ୍ରକ
୧।୯।୮[illegible]

ଆପଣଙ୍କର
ସ୍ନେହ-ସୌଜନ୍ୟ-ମୁଗ୍ଧ
ଶ୍ରୀ ଚନ୍ଦ୍ରମଣି ମହାନ୍ତି ।

—○○—

କୈବଲ୍ୟ-କଣିକା ।

ମଙ୍ଗଳ । (୧)

କୈବଲ୍ୟ କାରଣ ହରି ଏ ମୋ ନିବେଦନ,
ଅନ୍ତେ ଯେହ୍ନେ ଲଭେଁ ପ୍ରଭୁ ତବ ଶ୍ରୀଚରଣ । ୧ ।
ଯେଠାରେ ଯେ ଭାବେ ପଛେ ହେଉ ହେ ମରଣ,
ଯଥାକାଳେ ମିଳୁ ତବ ପୁଣ୍ୟ ଦରଶନ । ୨ ।
ନ କରେଁ କପଟେ ଯେବେ ତୁମ୍ଭଙ୍କୁ ସ୍ମରଣ,
ସ୍ମରଣେ ଶରଣ ହେବ ବିପଦ-ବାରଣ । ୩ ।
ତେବେବେ ନିସ୍ପୃହ ଜାଣେ ଆତ୍ମୀୟ ସ୍ୱଜନ,
ମନ ତୁମ୍ଭେ ନ ତେଜିବ ଏ ମୋ ନିବେଦନ । ୪ ।

—○—

କଳହଂସ କେଦାର । (୨)

ଆସିଥିଲୁ ରେ ମନ ବଡ଼ ଆଶାରେ,
ଆସିବାମାତ୍ର ସାର ହେଲା ସଂସାରେ,
ମୁଦ୍ରିତ ପଦ୍ମକୋଳେ ଭ୍ରମର ପରି,
ଭବ-କାରାରେ ଗଲୁ ଆମ୍ଭ ବିସ୍ମରି । ୧ ।
ମଧୁର ଆମ୍ର ଭ୍ରମେ ଭୁଞ୍ଜି କୋଚିଲା,
ଭକ୍ତ ମୁଖରେ କହ ଅମୃତ ସୁଫଳା,
ସ୍ୱକର୍ମେ ହେଲା ସିନା ଆମ୍ର ଭକ୍ଷଣ,
ଭକ୍ଷଣ ଥାଉ ନ ପଶିଲା ରକ୍ଷଣ । ୨ ।
ଏ ଖେଳ ଖେଳିବାକୁ ଆସିଲୁ ଧାଇଁ,

କନ୍ଧୁ ଖେଳନ୍ତୁ ବସ୍ତ   ଗ୍ରହନ୍ତୁ କାହିଁ,
ଗାଣ୍ଠି ପଡ଼ା ଫଲଗ୍ନ,   ଝିଙ୍କ ସମାନ,
ଗୋଷ୍ଠୀର ଭେଜ କନ୍ଧୁ   ଛୁଆର ପାନ । ୩ ।
ମାସ୍ତର ଖେଳେ ଯାହା   ହେବାକ ହେଲା,
ଆଉ ରେ ମୂଢ଼ ମନ   ନ କର ହେଲା,
ହେଲାଣି ସନ୍ଧ୍ୟା ଏବେ   ହେବ ଅନ୍ଧାର,
ଉଠିଲେ ଫେରି ଚାଲ   ନିଜ ଆଗାର । ୪ ।

—:୦:—

ବଙ୍ଗଳାଣୀ । (୩)

କର୍ମକ୍ଷେତ୍ରେ ଆସି   ଅକର୍ମ ସେବାରେ
କଟାଇଲି ବୃଥା ଦିନ,
ସୁଖର ଜାଗ୍ରତ—   ସ୍ୱପ୍ନ-ପାରାବାରେ
ସୁଖାଶା ହେଲା ବିଲୀନ । ୧ ।
ଭବ ପାନ୍ଥ ପ୍ରଭୁ   ଆସିବା ସମୟେ
ଥିଲି ମୁହିଁ ନିଷ୍କଳଙ୍କ,
ହେଲି କଳଙ୍କିତ   ବୋଳ ଦେହେ ସିନା
ବିଷୟ ଦୁର୍ଗନ୍ଧ-ପଙ୍କ । ୨ ।
ସ୍ୱାର୍ଥ-କୀଟ-ଦଂଷ୍ଟ୍ର   ଦେହେ ଅକ୍ରମିଲା
ଦୁର୍ଲଭ ଦୁଃଖଦା ଜ୍ୱର,
ପ୍ରବାଣ୍ଡି ପିଞ୍ଜରେ   ଖାଉଛେ ପାଲଟି
ରହିଛି ଘୋର ଦଦଗ । ୩ ।
ଭାଙ୍ଗିଦେଇ ତାହା   ହେ ବଂଶୀବାଣି
ଗଢ଼ିଦିଅ ନବରାବେ,
ମନ୍ତ୍ରି ଅପାର୍ଥିବ—   ରତ୍ନ, ଶାନ୍ତି ପ୍ରୀତି

ମୈତ୍ରୀ ସ୍ୱଧର୍ମ ସଭାବେ । ୪ ।

ତୁମ୍ଭରି ପାଟର ରକ୍ଷିତ ହୋଇ ମୁଁ
ତୁମ୍ଭଙ୍କ ହେଲି ବିସ୍ମୃତ,
ଅକୃତଜ୍ଞ ମୁହିଁ ମାତ୍ର ପ୍ରଭୁ ତବ
କରୁଣା ନୁହେ ବିକୃତ । ୫ ।

ସ୍ୱମକେଶ୍ରୀ । (୪)

ରଣ ଆର୍ବିଶାଣ ଆରମ୍ଭେ,
କରି କୃପା ପ୍ରକାଶ,
ଭାଲୁଅଛୁ ମୁହିଁ ଅଲୁଚେ
ତବ ଦାସାନୁଦାସ । ୧ ।
ରିପୁ-ଚୌର ଖଣ୍ଡଲୁଣ୍ଠନେ
ଶୂନ୍ୟ ହୃଦ ଭଣ୍ଡାର,
ତଥାପି ଇନ୍ଦ୍ରସ୍ପୃ ଶୋକନ୍ତ
ସଦା ପୂଜା ସମ୍ଭାର । ୨ ।
ଆଜୀବନ ତାଙ୍କୁ ପୂଜୁଛୁ
ଛାଡ଼ି ତୁମ୍ଭର ପୂଜା,
ତେବେହେଁ ଅତୃପ୍ତ ସକଳେ
ମହାମୃତ୍ୟୁ ଅବୁଝା । ୩ ।
ତାହାଙ୍କ କୁହୁକେ ଭୁଲି ମୁଁ
ଥିଲି ତୁମ୍ଭଙ୍କୁ ହରି,
ଆଉ ନ ଭୁଲିବ ଏ ବର,
ଦଅ କରୁଣା କରି । ୪ ।

—:*:○:*:—

ଦୀର୍ଘ ତ୍ରିପଦୀ । (୫)

ପ୍ରାଣ ଲୁଚେଁ ହର   ଶୁଣେ ଅନ୍ତର
ବଜାଅ ମୋହନ ମୁରଲୀ,
ହୃଦ-ପଦ୍ମାସନ   କର ନିମନ୍ତ୍ରଣ
ନିଜସ୍ୱେ ଆମନ୍ତ୍ରଣ କଲି ॥ ୧ ॥
ଶୁଣି ସେ ସୁସ୍ୱର   ମୁକ୍ତି--ମନ୍ତ୍ରର
ଦୂର ହେଉ ପାପ ବିଦ୍ୱେଷ,
ତାର କୃପା-ଜଳ   କର ସୁନିର୍ମଳ
ପଙ୍କିଲ ହୃଦୟେ ସୁରେଶ ॥ ୨ ॥
ଅଳୀକ ଫସାରେ   ଅଳୀକ ଆଶାରେ
କଟାଇଲି ବୃଥା ସମୟ,
ଶେଷହେଲ କଥା   ଯିବ ଲଭେଁ ବ୍ୟଥା
ଦିଅ ଦିଅ ପ୍ରଭୁ ଅଭୟ ॥ ୩ ॥
ଅଗତିର ଗତି—   ତୁମ୍ଭେ, ତୁମ୍ଭ କଢ
ପଶିଲି ଆରତେ ଶରଣ,
ଦୀନ ତାର ତାର   ଆସନ୍ନ ଦୁର୍ଗ୍ରର—
ବିପଦୁଁ ବିପଦ ବାରଣ ॥ ୪ ॥

—※—

ନଟଭାଣୀ । (୬)

ବିଫଳ ଜନମ   ବିଫଳ ଜୀବନ,
ନ ଦେଖି ମୋହର   ପ୍ରାଣ ପ୍ରିୟଧନ ॥ ୧ ॥
ଖୋଜୁଛି ସର୍ବତ୍ର   ଅବକାଶ ନାହିଁ,
ନ ଦେଖିଲି ବନ୍ଧୁ—   ଚତୁର୍ଦ୍ଦିଗେରେ ଚାହିଁ । ୨
ଡାଳୁଛି ରେ ପକ୍ଷୀ   ସୁରେଣ ବସି ଡାଳେ,

କୈବଲ୍ୟ-କଣିକା ।

ଡାକୁଛୁ କି ସେହି ଜଗତ ଭୂପାଳ ॥ ୩ ॥
କି ନାମେ ଡାକୁଛୁ କହ ହୃଦ କହ,
ଡାକିବି ମୁଁ ସଦା ସେହି ନାମ ଧରି ॥ ୪ ॥
ପ୍ରକାଶି ରେ ଭୃଙ୍ଗ ସ୍ୱର ଗୁଣ ଗୁଣ,
ଗାଉଛୁ କି ସେହି ଗୁଣାକର ଗୁଣ ॥ ୫ ॥
ଶିଖାଅ ତା ମୋତେ ମୁହିଁ ରେ ନିର୍ଗୁଣ,
ତୋ ସୁଗୁଣ ଭାଇ ଦିଅ ମୋତେ ଋଣ ॥ ୬ ॥
ରେ ମହା ଗଗନ ନୀଳ ଆବରଣ,
ଲୁଚିଛନ୍ତି କି ବା ମୋ ଜୀବନ ଧନେ ॥ ୭ ॥
ଫେଡ଼ ଫେଡ଼ ଫେଡ଼ ଖରେ ଆବରଣ,
ପ୍ରାଣାରାମେ ମୋର କରିବି ଦର୍ଶନ ॥ ୮ ॥

—o—

ଖଣ୍ଡ ଭୂମ୍ବକାମୋଦୀ । (୨)

ନ କରୁ ରେ ମନ ବିପଦ ବାରଣେ କପଟ ଭାବନା,
ମିଛେ ମଣି ସବ ରହନ୍ତୁ ଜଞ୍ଜିଲ କି ବଡ଼ିମା ॥ ୧ ॥
ଫେଡ଼ ମୋହ ନେତ୍ର ସଂସାର କୁହୁକେ ଆଉ ଭୁଲ ନା,
ଅଂଶାରେ ଉପେକ୍ଷି ଯାରେ ଭଜ ଶିବ ଭବଯାତନା ॥ ୨ ॥
ଆଚର ରେ ମନ ଜଗତ କାରଣ ଧ୍ୟାନ ଧାରଣା,
ଶୟନେ ଭୋଜନେ ସଦା କର ତାଙ୍କ ନାମ ଘୋଷଣା ॥ ୩ ॥
ଭବ-ପାରାବାରୁ ତରିବାକୁ ଯଦି ଅଛି କାମନା ।
ଦେହ ମନ ପ୍ରାଣ ଅର୍ପି ତାଙ୍କୁ ହେବେ କର ସାଧନା ॥ ୪ ॥

—o—

(୮)

ସ୍ମର ସ୍ମର-ପର-ମ୍ପରୁ ଶ୍ରୀମଧୁସୂଦନେ,
ଭକ୍ତ-ବତ୍ସଳ-ନୟନ-ଅମୃତ-ଅଞ୍ଜନେ,
ଭବରେ ହୋଇ ତନ୍ମୟ ସ୍ମର ସତତ ଚିନ୍ମୟ
ବିବେକ ବୈରାଗ୍ୟ ଜ୍ଞାନ ସହାୟ ସାଧନେ ॥ ୧ ॥
ଚଞ୍ଚଳ-ଚଳ ମାୟା ରଙ୍ଗ ଉର୍ଦ୍ଧ୍ୱେ ଉଡ଼େ ଢଙ୍ଗ ଢଙ୍ଗ
ଆରମ୍ଭିତେ ପ୍ରାଣ-ମନେ ସେବିବ ବହନେ ॥ ୨ ॥
ଦାରା ସୁତ ପରିବାର ଧନ ରତ୍ନ ଅଧିକାର
ସ୍ୱପନ ସମ ଅସାର ଭାବ ବୁଝ ମନେ ॥ ୩ ॥
ତେଜ ଅନିତ୍ୟ ବାସନା ଅସତ୍ୟର ଉପାସନା
ସ୍ମର ସେହି ନିରଞ୍ଜନ ସତ୍ୟ ସନାତନେ ॥ ୪ ॥

—*—

ଗୁର୍ଜ୍ଜରୀ । (୯)

ମହାମହିମ ବିଶ୍ୱପିତା,
ଅନ୍ଧର୍ଦ୍ଧ-ତାମସ-ସବିତା ॥ ୧ ॥
ବୁଡ଼ି ମୁଁ [illegible] ମାୟାବାରେ,
ଅଛିଛି ଶେଷେ ତୁମ୍ଭ ଦ୍ୱାରେ ॥ ୨ ॥
ଡାକୁଛି ଉଚ୍ଚେ ମହାବ୍ୟସ୍ତେ,
ନ ଫେରିବି ତୋରେ ଶୂନ୍ୟ ହସ୍ତେ ॥ ୩ ॥
ପଦ ଐଶ୍ୱର୍ଯ୍ୟ ମାଗୁନାହିଁ,
ପ୍ରାର୍ଥୀ ମୁଁ ନୁହେ ମୁକ୍ତି ପାଇଁ ॥ ୪ ॥
କେବଳ ଲୋଡ଼ା ପଦ୍ମପାଦ,
ଖଣ୍ଡିବ ଯେନ୍ତେ ମୋ ବିଷାଦ ॥ ୫ ॥

ପୂଜନ୍ତ ତାହା ଭକ୍ତି ଫୁଲେ,
ସୌରଭ-ଚନ୍ଦନ ସଙ୍କୁଳେ ॥ ୭ ॥
ପ୍ରବାଳ ପ୍ରଭୁ ପଦଦ୍ୱୟ,
ସେବ ମୋ ଅନ୍ତ ସମୟ ॥ ୮ ॥

—୦✻୦—

ରଙ୍ଗକେଳୀ । (୧୦)

ଦିନେ ହେବ ଯେବେ ନିଶ୍ଚେ ମରଣ,
ତେବେ ଆଶା ପୋଷଣର କି କାରଣ ॥ ୧ ॥
କର ଯାହାକୁ ପ୍ରାଣ ପରି ସ୍ନେହ,
ହେବ ଧୂଳିସାତ ଦିନେ ସେ ଦେହ ॥ ୨ ॥
ଯହିଁ ତୃଣ ରହେ ଯୁଗ ପ୍ରମାଣ,
ମାତ୍ର ଶରୀର ହୁଏ ମ୍ରିୟମାଣ ॥ ୩ ॥
ଯେବେ ଜିଣିବାକୁ ଇଚ୍ଛ ମରଣ,
ସେନ ଅହିଂସା ସତ୍ୟର ଶରଣ ॥ ୪ ॥
ଜପି ଦୟା କ୍ଷମା ଶୁଭ ମନ୍ତ୍ର,
ନର ମରି ସୁଦ୍ଧା ହୁଏ ଅମର ॥ ୫ ॥

—୦✻୦—

ସମକେଶୀ । (୧୧)

ଲୁଡ଼ାଇ ପତିତ ପାବନ—
ତାଙ୍କ ନେହ ଈଶ୍ୱର,
ପତିତ ଡାକ ନ ଶୁଣିବା
ଉଚିତ କି ତୁମ୍ଭର । ୧ ।
ଅନୁତାପ-ତପ୍ତ-ଲୋଚନ
ପଡ଼ି ତବ ଚରଣେ,

କ ହଏ କ ବ୍ୟଥା ବକ୍ଷରେ
କେବେ ହେଲେହେଁ କ୍ଷଣେ । ୨ ।
ନୈରାଶ୍ୟ-ପାବକ-ପ୍ରତପ୍ତ
ମୋର ଖର ପ୍ରଶ୍ୱାସ,
ସୁଶୀତଳ ହୃଦେ ତୁମ୍ଭର
ନ ଜନ୍ମାଏ କ ତ୍ରାସ । ୩ ।
କର୍ଣ୍ଣପାତ ପଛେ ନ କର
ଏବେ ମୋହ ଡାକରେ,
ଡାକ ଡାକ କଲେ କରନ୍ତୁ
କର୍ଣ୍ଣେ ଶୁଣିବ ଥରେ । ୪ ।
ଜାଜ ଏ ଭରସା ହୃଦୟେ
ଡାକୁଅଛୁ ସତତ,
ତବ ଘନ-ନୀର-ପିପାସୁ
ଦୀନ ଚିତ୍ତଚାତକ । ୫ ।

—:୦:—

ବୈଠକୀ ସ୍ୱର । (୧୬)

କାହିଁ ଅଛି ... ବଗାହ ଭକ୍ତ-ରଞ୍ଜନ,
ତ୍ରାଣୀ ଅବତର କର ଭୟ ଭଞ୍ଜନ ।
ତିଷ୍ଠ୍ୟ କର୍ମେ ରଲ୍ଲି ଦଳ ଦିନୁ ଦିନୁ ତନୁ କ୍ଷୀଣ
ପ୍ରାଣରକ୍ଷି ହେଉ ଛନ୍ନ କର ତାରଣ । ୧ ।
ସେବରଣ ମାସ୍ତାଙ୍କିଲ ଦେଖାନ୍ତୁ ଧରଣ ତାଲ
ଅକର୍ଷେ ଅଜନ୍ମକାଳ ଦର ଗର୍ଜନ । ୨ ।
ରକ୍ଷାକର ନାରାୟଣ ଶ୍ରୀପଦେ ଗଲି ଶରଣ
କର ହେ ଦୀନରକ୍ଷଣ । ସାରେ ରକ୍ଷଣ । ୩ ।

ଦଅ ବିଶୁଦ୍ଧ-ବିଶ୍ୱାସ   ଚିତ୍ତ ଦ୍ୱିଧା କର ନାଶ
ଏହି ପଦେ ଶ୍ରୀଚରଣେ ଏ ନିବେଦନ । ୪ ।

—:*:—

ଶଙ୍କରାଭରଣ । (୧୩)

ସକଳ ତୁମ୍ଭର ଇଚ୍ଛା   ଇଚ୍ଛାମୟ ହରି,
ତୁମ୍ଭ କର୍ମ ତୁମ୍ଭେ କର   ମୁଁ ବୋଲେ ମୋହର,
କ୍ଷଣେ ଖର୍ବ କର ଗର୍ବୀ,
ପଙ୍ଗୁକୁ ଲଙ୍ଘାଅ ଗିରି   ଉତ୍ତୁଙ୍ଗ ଶିଖରୀ । ୧ ।
ସର୍ବ ଶକ୍ତିମାନ ତୁମ୍ଭେ   ପରାତ୍ପର ଇନ,
ଦରିଦ୍ରେ କୁବେର କର   କୁବେରକୁ ଦୀନ,
ଧନ୍ୟ ତୁମ୍ଭର ମହିମା,
ନ ପାରନ୍ତି ହରି ବ୍ରହ୍ମା   କଳି ଯାର ସୀମା । ୨ ।
ବୋଲାଅ ଯେ ବାକ୍ୟ ତୁମ୍ଭେ   ବୋଲଇ ମୁଁ ତାହା,
କରାଅ ତୁମ୍ଭେ ତୁମ୍ଭର ମୁଁ   ଖସ୍ପା ବସିତାହା,
ତୁମ୍ଭେ ଯନ୍ତ୍ରୀ ମୁହିଁ ଯନ୍ତ୍ର,
ବାଇଲେ ବାଜିବ ନ ତୁ   ରହିବ ସ୍ୱତନ୍ତ୍ର । ୩ ।
ଭବ-ବ୍ୟାଳ ଜିହ୍ୱବଶେ   ଜର୍ଜର ମୋ ହିଆ,
କର ହେ ନିର୍ବିଷ ତାକୁ   ହୋଇଣ ଗୁଣିଆ,
ଜ୍ଞାନ-ଗଦ କର ଦାନ,
ଜନମ-ବିଷ ସନ୍ତାପୁଁ   କର ପରିତ୍ରାଣ ।

—o—

ମଙ୍ଗଳ । (୧୪)

ରସନା ରେ ଅନରସେ   ଭସନା ରସନା,
ହରିଭକ୍ତି ରସ ବିନା   ସବୁ ବିଡ଼ମ୍ବନା । ୧ ।
ହୁଏ ପିଆ ଅନରସ   ସର୍ଜିବେ ବହୁତ,

ମାତ୍ର ତର ଅନାବିଳ ଭକ୍ତି-ରସାମୃତ । ୨ ।
ଗୃହିଲେ ତାହାର ସ୍ୱାଦୁ, ମାତ୍ର ଏକଥର,
ଭୁଲିଯିବ ସମାଦର ପାର୍ଥିବ ରସର । ୩ ।
ପାନେ ତାହା ଭକ୍ତସୁଧା ତୃଷ୍ଣା ଯାଏ ହର,
ଚକୋର-ବିହଙ୍ଗ ସଦା ଡାକେ ହର ହର । ୪ ।
ସେ ରସ ଯେ ପିଏ ତାର ହୁଏ ମୋକ୍ଷଗତି,
ଶମନ ସମନ ଧରି ନ ପଶେ ତା କତି । ୫ ।
ଅମଙ୍ଗଳ ବିଶେ ହରି ନାମହିଁ ମଙ୍ଗଳ,
ଠୁଳ ତହିଁ ସର୍ବତୀର୍ଥ ସର୍ବବ୍ରତ ଫଳ । ୬ ।
ଅତଏବ ସବୁ ତେଜ ରେ ରସନା ଅନ୍ଧ,
ଜପ ହରିନାମ ସଦା ତାହା ତପ ସନ୍ଧ । ୭ ।

•○—✱—○•

ବଙ୍ଗଳାଶ୍ରୀ । (୧୫)

ସଜ ହୁଅ ଭାଇ ଆସୁଅଛି ଧାଇଁ
ମୃତ୍ୟୁ ନିମନ୍ତ୍ରଣ ପତ୍ର,
ଆଜ କ କାଲି ଯିବ ତହିଁ ଚାଲି
ଉର୍ଦ୍ଧ୍ୱ[illegible]ନ ନେତ୍ର । ୧ ।
ପାଥେୟ ସଂଗ୍ରହ କର ଅହରହ
ଆବର ସମୟ ନାହିଁ,
ଗଲେ କାଲ ହାତେ ତକ୍ଷିଣ ନର୍ଯାତେ
ଦୂତେ ଦଣ୍ଡ ଦେବ ସେହି । ୨ ।
ଧର୍ମ କଳା ତାର ଆନ ଉପହାର
ବୁଝିବ ନାହିଁ ମନକୁ,
ନ ଶୁଣିବ କାନେ ସେ ତୋ ସ୍ତୁତି ଗାନେ

ଗୁହିଁବ ନାହିଁ ଧନକୁ । ୩ ।

ଅତଏବ ଭାଇ ହେଲା କାଳ ନାହିଁ
ଧର୍ମ-ଧନ ଉପାର୍ଜ୍ଜନେ,
ଲାଗ ଲାଗ ଲାଗ ଜାଗ ଜାଗ ଜାଗ
ସେ ସୁଧନ ଅନ୍ୱେଷଣେ । ୪ ।

—•୦ଃଣଃ୦•—

ରସକୁଲ୍ୟା । (୧୭)

ହର ତୁମ୍ଭେ ପ୍ରାଣ—ପଙ୍କଜ—ରବି,
ପାତକ ପଙ୍କତି—ପ୍ରବୃତ୍ତି—ପବି,
ମାୟା—ମତ୍ତାବୃନ୍ଦ—ମହାକୁଠାର,
ଭୀମ ଭବସିନ୍ଧୁ—ସୁକର୍ଣ୍ଣଧାର,
ଶାଶ୍ୱତ ସତ୍ୟ ସୁଧାମ ହେ,
ଜନ୍ମ ଜରା ମୃତ୍ୟୁ ଦୁଃଖ ନିବାରକ ତୁମ୍ଭର ପବିତ୍ର ନାମ ହେ । ୧
ମତ୍ତ କରୀ ପରି ଚଞ୍ଚଳ ମନ,
ନିବର୍ଯ୍ୟ ଅଯୃନେ କରେ ଭ୍ରମଣ,
ପ୍ରବୀଣ ମାହୁନ୍ତ ପରାସ୍ତ ହୁଇ,
ବିବେକ—ଅଙ୍କୁଶ ଆଘାତ କରି.
ଫେରାଅ ସୁପଥେ ଆଣି ହେ,
ମର୍ମ୍ମାନ୍ତିକ ଦୁଃଖ ଅନୁତାପ ବ୍ୟଥା ଶୁଣି ପ୍ରଭୁ ଗୋରି କାଲୁ ହେ । ୨ ।
ବିଶ୍ୱ ହୃଦୟ—ନିକେ ମୋହର,
ବଢ଼େ ପାପ—ଦାବ ଘୋର ତ୍ରିଣର,
ଘଟିଲେ ବିଲମ୍ବ ସର୍ବ୍ବ ଏ ଆଉ,
ଭସ୍ମ କରି ଚାଲୁ ସାଧିବ ତାଉ,
ଢାଳ ତହିଁ କୃପା-ଜଳ ହେ,
ଧର ନିର୍ବାପିତ କର ତାକୁ ହର କର ଶାନ୍ତ ସୁଶୀତଳ ହେ ।

ହେ ମଙ୍ଗଳ ଧାତା ମଙ୍ଗଳାଳୟ,
କର ଏ ଜୀବନେ ମଙ୍ଗଳମୟ,
କରୁ ନେତ୍ର ତବ ରୂପ ଦର୍ଶନ,
କର୍ଣ୍ଣ କରୁ ସଦା ନାମ ଶ୍ରବଣ,
ଏ ଭିକ୍ଷା ପଦେ ମୋହର ଯେ,
ଉଚ୍ଚାରୁ ରସନା ଜୀବ ଯିବାବେଳେ ନର୍ବ କାଳେ ହରି ହରି ଯେ ।୪।

—ₒ○ₒ—

କରୁଣାଶ୍ରୀ । (୧୬)

ଚକ୍ରଧର ଚରୁଁ ଜାଣ କର ଅଭ ହେ ନୃକେଶରୀ,
ତୁମ୍ଭର ଏ ଦେହ ପ୍ରାଣ ତୁମ୍ଭର ହେ ମନଜ୍ଞାନ,
ତୁମ୍ଭେ ମୋର ଲକ୍ଷ୍ୟ ଧ୍ୟାନ ତୁମ୍ଭ ବିନା ନାହିଁ ଆନ,
ଭବ ପଦ ଭବସିନ୍ଧୁ ତରୀ ହେ ।୧।

ପୋଷା ପକ୍ଷୀ ମୁଁ ତୁମ୍ଭର ଶିଖାଅଛ ଯେଉଁ ସ୍ୱର,
ମଣି ତା' ଇଷ୍ଟ ମନ୍ତ୍ର ପୋଷୁଅଛୁ ନିରନ୍ତର,
ନାରାୟଣ ହରି ବୋଲି କରି ହେ ।୨।

ଜୀବନର ସୁଖ ଆଁ[illegible] ଭେଜ ଅନନ୍ତର ବାସେ,
ବନ୍ଧୁ ବନ୍ଧୁଏ ପ୍ରବାସେ ଭ୍ରମି ଭ୍ରମି ଉଦ୍ଧ୍ୱଶ୍ୱାସେ,
ହେଲି ଅବସନ୍ନ ରଣ ହରି ହେ ।୩।

ତୁମ୍ଭେ ମୋର ଧ୍ରୁବ ତାରି କେବଳ ମୋହ ପାମର,
ସଙ୍ଗାଇଅଛୁ ଅନ୍ତର ବନ୍ଧୁ ପରଶର ପର,
ନାଶ ତାଙ୍କୁ ଯାଉ ଖଳ ସଭ ହେ ।୪।

ରାମକେଲି (୧୮)

ଅନନ୍ତ ନିତ୍ୟ ନିର୍ବିକାର,
ଅଟ ହେ ମଙ୍ଗଳାଧାର,
ବୁଦ୍ଧି ବଚନକୁ କଳଇ
ତବ ଶକ୍ତି ଅପାର । ୧ ।
ତୁମ୍ଭେ ଦେଶକାଳ ଅତୀତ
ଧ୍ୟାନ ଧାରଣା ସାଧ୍ୟ,
ନିଖିଳ ଜୀବନ ଦେବତା
ଦେବଦେବ ଆରାଧ୍ୟ । ୨ ।
ଅନାଥ ଆତୁର ତାରଣ
ଭବ-ଭୟ ବାରଣ,
ଅଜ୍ଞ-ଦଗ୍ଧ-ଦୁଃଖ-ବିଳାସୀ
ଅଶରଣ-ଶରଣ । ୩ ।
ସାରସ୍ୱତ ଚକ୍ଷୁ ନ ଫୁଟେ
ଭେଦ ତୁମ୍ଭ ଶାମ୍ଭବୀ,
ଭବେ ତୁମ୍ଭେ ଲଗ୍ନ ଅଲଗ୍ନ
ଜଳେ [illegible]ଳ ପର । ୪ ।
ଦୀନ ମୁଁ ତୋମାଠାରେ ପ୍ରାର୍ଥନ
କର ହେ ଦୀନବନ୍ଧୁ,
ଝାଡ଼ିଦେଇ ହୃଦ ମନ୍ଦିରୁଁ
ପାପ ତାପ ଅଳନ୍ଧୁ । ୫ ।
ନୈରାଶ୍ୟ-ତମିସ୍ରା ତାଡ଼ଣ
ପ୍ରଭୁ ତୁମ୍ଭ ଶ୍ରୀପଦେ,
କହୁଛି ଜଣାଣ ସେବକ

କର ଉତ୍ସ-ଗଦ୍ଗଦେ । ୬ ॥

ଅର୍ପିଲି ପତ୍ୱଣ ଚରଣେ
ରକ୍ଷା କର ବା ମାର,
ନିଶ୍ଚିନ୍ତ ରହିଲି ତୁମ୍ଭଙ୍କୁ
ଅର୍ପି ବିଶ୍ୱର ଭାର । ୭ ।

—※—

ବୈଠକୀ ସ୍ୱର (୧୯)

ପତିତ-ପାବନ ପ୍ରଭୁ ପରମ ଅଦ୍ଭୁତ,
ବାସନା-ବିଦଗ୍ଧ ପ୍ରାଣେ ତୁମ୍ଭେହିଁ ଚନ୍ଦନ । ପଦ ।
ନାହିଁ ତବ ଅନ୍ତପର ନାମଧର ପରାତ୍ପର
ଗୁଣାତୀତ ଗୁଣାକର ଜ୍ଞାନର ତପନ । ୧ ।
ତୁମ୍ଭେ ମୁକ୍ତି ତୁମ୍ଭେ ଗତି ତୁମ୍ଭେ ଶକ୍ତି ତୁମ୍ଭେ ମତି
ତୁମ୍ଭେ ବିଶ୍ୱ ପ୍ରାଣପଞ୍ଜ ସତ୍ୟ ସନାତନ । ୨ ।
ତୁମ୍ଭର ମୂର୍ତ୍ତି ଅଚଳ ପ୍ରବଳ ଶକ୍ତି ଅନଳ
ଉଜ୍ଜ୍ୱଳ ନେତ୍ର ଯୁଗଳ ଶଶାଙ୍କ ତପନ । ୩ ।
ସର୍ବବ୍ୟାପି ସର୍ବମୟ ସର୍ବସ୍ରଷ୍ଟା ସର୍ବାଶ୍ରୟ
ବିନାଶ ମୋ ଭ୍ରମଭୟ ଶ୍ରେୟୋ-ନିକେତନ । ୪ ।

—:o:—

ଗ୍ରେଣ୍ଠୀ । (୨୦)

ହେ ପ୍ରଭୁ ସୁନ୍ଦର ଏଁର ବିପଦ କଷ୍ଟ-କେଶରୀ
ଆଜୀବନ ମୁଁ ତୁମ୍ଭର କ୍ରୀଡ଼ା ପୁତୁଳୀ,
ଖେଳେଇବେଲେ ଯେଉଁପରି ନଚାଅ ତୁମ୍ଭେ ଶ୍ରୀହରି
ତବ ଆଜ୍ଞା ଅନୁସାର ନାଚେ ସେ ତନ, —
ମୁହିଁ ସିନା କମାରଯନ୍ତ୍ରୀ,

ଚଳାଉଛ ମୋତେ ତୁମ୍ଭ ମହାକ୍ଷମତା । ୧ ।
ଥାଉଁ ତୁମ୍ଭ ଘର ଫିଟା । ଦାରୁଣ କି ତାପ-ତତା
ହୋଇ ହୃଦେ ଅଶ୍ରୁସିକ୍ତା ଦହେ ପ୍ରାଣରେ,
ନ ଜନାଅ ବାରମ୍ବାର ହେ କରୁଣା-ପାରାବାର
ଏ ପାମର ହୃଦୟର କଣାକଣରେ,
ତବ ସୃଷ୍ଟି ମୁଁ ମହାବାହୁ,
ଆସେ ନାହିଁ ଆନ କାହା ସୃଷ୍ଟିରୁ କାହୁଁ । ୨ ।
ଦେଖି ରଙ୍ଗ ମହାକାଳେ କି ଭୁଲିବ ଆଉଁଭାଳେ
ଶୁଣିଛି ତା' ବାଳକାଳେ କେଶାକ୍ତ ଅତି,
କାଲେ ସେ ଫଳଅଶନେ ଦୁରଦୃଷ୍ଟର ଶାସନେ
ହସେଁ ବା ତୁମ୍ଭ-ଧନେ ଅହେ ଶ୍ରୀପତି,
ଏହି ଏକା ଚିନ୍ତା ମୋହର,
ସେ ଚିନ୍ତା ହେ ଚିନ୍ତାମଣି କର ଅନ୍ତର । ୩ ।

—○❊○—

ଧନାଶ୍ରୀ । (୨୧)

ଛଡ଼ ମୂଢ଼ ମନ ଜାଗ୍ରତ ସ୍ୱପନ ଫେଡ଼ ରେ ଜ୍ଞାନନୟନ,
ଦେଖି ଦେଖ ଗୃହିଁ କ ବେଗଚେ ଧାଇ ଗ୍ଳଛି ତୋର ଜୀବନ
ଯୋଉ ଅଶ:-ଗହ୍ୱରେ,
ଆଉ ନ ଶୁଅ କଳ-ଶେଯରେ । ୧ ।
ବିଷୟ-ମାଦକ ପିଇଣ କାଳକ ମେଣ୍ଟିଲା ନାହିଁ ପିପାସା,
ସେ ନିଶା ପ୍ରାଗାଢ଼ ହେଲୁଣି ଅଷାଢ଼ ମୁଖେଁ ନ ଫୁଟିଲା ଭାଷା,
ପଡ଼ି ଯିବୁ ଭୁ ହୃଦେ,
ଦୁଇଦନେ ଅନ୍ତକ ହାବୁଡ଼େ । ୨ ।
ଯାଉଛୁ ଭୁଲି ଅପଥରେ ବୁଲି ଯାଉଛି ବୃଥା ଆୟୁଷ,

ଧାନେ ଅନାଦର କରଣ ପାମର ଲୁଟୁଅଛୁ ରସି ରୂପ,
ଅନ୍ତେ ଅନ୍ଧ ବାଉଳ,
ସବୁ ହେଳ ଭଜ ଅଦମୂଳ । ୩ ।
ଧନ ରତ୍ନ ଦାର ସୁତ ପରିବାର ନ ଯିବେ କେହି ସଙ୍ଗର,
ଆସିଅଛୁ ଏକା ଯିବୁ ଚାଲି ଏକା ସେକାଳେ ସକଳେ ପର,
ଧର୍ମ କେବଳ ସାହା,
ଅନ୍ତେ ଦେଖାଏ ସେ ସ୍ୱର୍ଗପନ୍ଥା । ୪ ।

—————

କାମୋଦୀ । (୨୨)

କାର୍ଣ୍ଣାସ୍ତ ନିରଞ୍ଜନ   ନିଖିଳ ନିକେତନ
କୈବଲ୍ୟ—ଅଙ୍କୁର—ଦାନ୍ତୁରୀ
ପୁଣ୍ୟ ଧାମ ଭୂମ୍ବର   ଯେସନ ରତ୍ନାକର
ସଉତେ ଅକ୍ଷାନ-ଲୁଣ୍ଠନ୍ତି ହେ ମହାବାହୁ !
ଦାତା ପଣରେ ତୁମ୍ଭେ ସାର,
ଲୁଣ୍ଠନ ମୁଁ ପାମର ଛାର,
ଦେଉଛ ତୁମ୍ଭେ ଯେତେ   ମାଗୁଛି ପୁଣି କେତେ
ନ ପୂରେ ଲାଳସା-ଭଣ୍ଡାର ହେ ମହାବାହୁ । ୧ ।
ଦେଇଅଛ ଜୀବନ   ଅବର ଦେହ ଧନ
ଦେଇଛ ପ୍ରିୟ ପରିଜନ,
ସୁଧୀର ସମୀରଣ   ନୀଳକାନ୍ତ ଗଗନ
ପୁଷ୍ଟ ପାର୍ଥିବ ରତନ ହେ ମହାବାହୁ !
ଦେଇଛ ସୁଶୀତଳ ଜଳ,
ପାକାର୍ଥେ ପ୍ରଚଣ୍ଡ ଅନଳ,
ଦେଇଛ ଏତେ ଦର   ତେବେ ମୁଁ ଲୋଭ କର

ମାଗୁଛି ଉଚ୍ଛେ ଅନର୍ଗଳ ହେ ମହାବାହୁ । ୨ ।

ଏଥି ତୃପ୍ତ ମୋହର   ହେବ ନାହିଁ ଅନ୍ତର
ଦେବାକୁ ହେବ ଆଉ କଛୁ,
ତୁମ୍ଭଙ୍କୁ ନ ପାଇଲେ   ସତୃପ୍ତି ନାହିଁ ଭଲେ
ତୁମ୍ଭ ବିହୀନେ ସବୁ ଛି ଛି ହେ ମହାବାହୁ !
ତୁମ୍ଭେହିଁ ସ୍ୱରଗର ସ୍ୱର୍ଗ,
ଅପବର୍ଗର ଅପବର୍ଗ,
ଏଣୁ ମୁହିଁ ବାଉଳ   ଲଭିବାକୁ ବ୍ୟାକୁଳ
ତୁମ୍ଭର ପବିତ୍ର ସଂସର୍ଗ ହେ ମହାବାହୁ । ୩ ।

—o§※§※§o—

ଅଷାଢ଼ ଶୁକ୍ଳ । (୨୩)

କାହିଁ ଅଛ ହରି   ଦିଅ ଦର୍ଶନ,
ଖୋଜି ଖୋଜି ମୁଁ   ହେଲି ଅବସନ୍ନ,
ଦେଖୁଅଛୁ ତବ   କାର୍ଯ୍ୟ ପ୍ରତ୍ୟହ,
ଭୁଞ୍ଜୁଅଛୁ ନିତ୍ୟ   ସୁ-ଅନୁଗ୍ରହ,
ମାତ୍ର କାହିଁପାଇଁ,
ଦେଖୁ ନାହିଁ ପ୍ରଭୁ   ତୁମ୍ଭଙ୍କୁ କାହିଁ । ୧ ।
ମହିମା ତବ   ପ୍ରତି ନିଶ୍ୱାସରେ,
ସକଳ ପ୍ରାଣେ   ଅନୁଭବ କରେଁ,
ତୁମ୍ଭର କରୁଣା   ଭକ୍ତି'ରୂପରେ,
ସ୍ତୁତି ପ୍ରବାହର   ମୋ କଣ୍ଠଦେଶରେ,
ସ୍ୱରୂପ ତଥାପି,
ନପାଏଁ ଦର୍ଶନ   ହେ ବିଶ୍ୱବ୍ୟାପି । ୨ ।
ଦେଇଛ ଦେଉଛ   ସବୁ ଆପଣ,

ଦରଶନ ଦାନେ ନୁହଁ କୃପଣ,
ହେଲା କ ତୁମ୍ଭଙ୍କ / ଏଡ଼ା ସୁନ୍ଦର,
ଜଗତ ନର ହେ ମନ୍ଦରଧର,
କ ବିଷମ ଘୋର,
ଗିରି ଦେଇ ବଳ ରେଣୁରେ ଲୋଭ । ୩ ।
ତୁମ୍ଭର ସର୍ଜିତ ପ୍ରତି ଦ୍ରବ୍ୟରେ,
ତୁମ୍ଭ ରୂପ ସଦା ଦର୍ଶନ କରେଁ,
ପ୍ରତିସ୍ୱରେ ଶୁଣେଁ ତୁମ୍ଭର ସ୍ୱର,
ବାଞ୍ଛାନିଧି ପୂରୁ ବାଞ୍ଛା ମୋହର,
ମାଗେ ଅକିଞ୍ଚନ,
ହୃଦ ପଦ୍ମେ ନିତ୍ୟ ତବ ଦର୍ଶନ । ୪ ।

—○ ○—

ଚନ୍ଦ୍ରା ଭୈରବ । (୨୪)

ପ୍ରଭୁ ଅମୃତ ଜୀବନ ଦାତା,
କୋଟି ବ୍ରହ୍ମାଣ୍ଡ ବିଶ୍ୱବିଧାତା,
ତୁମ୍ଭେ ସନାତନ ଧନ୍ୟ ପ୍ରାଣେଶ୍ୱର
ତୁମ୍ଭେ ପିଅର ତୁମ୍ଭେହିଁ ମାତା ହେ ଗୋବିନ୍ଦ ! ୧ ।
ସାଧୁ ଈପ୍ସିତ ସାଧୁ ସହବାସେ,
ଜାଲ କଟୁ ମୋ ସଦା ଉଦାସେ,
ଜୀବନ ଅନ୍ତର ଦେଉ ମୋର ପିତଃ
ଏହି ପ୍ରୀତି ଟି ଶଯ୍ୟା ସନ୍ନାଶେ ହେ ଗୋବିନ୍ଦ ! ୨ ।
ନବୁଁ ଆସକ୍ତି ହୋଇ ଅନ୍ତର,
ଲଭୁ ଚରଣେ ଆଶ୍ରା ତୁମ୍ଭର;
ତବ ପଦ ତଳେ ଅର୍ପି କର୍ମଫଳେ

କର୍ମ କରିବି ମୁଁ ନିରନ୍ତର ହେ ଗୋବିନ୍ଦ ! ୩ ।
ପ୍ରଭୁ ଦିଅ ଏ   ଅଭୟ ବର,
ଆର୍ତ୍ତେ ମାଗୁଛି   ଯୋଡ଼ିଣ କର,
ଅଭିମାନ-ବାଘ   ନ ବାନ୍ଧୁ ଗଗ—
ବହି ଚରଣ-ମୃଗେ ମୋହର ହେ ଗୋବିନ୍ଦ ! ୪ ।

—:o:—

ଆତ୍ମ ନିବେଦନ ।

କଳଶା—(୨୫)

ଅଧିକ କି ନିବେଦିବି   ହେ ଜଗତସ୍ୱାମି,
କି ଅଛି ଅଜ୍ଞାତ ତବ   ଅଛ ଅନ୍ତର୍ଯ୍ୟାମି ।
ଜାଣିଛ ସକଳ କଥା   ଅନ୍ତର ବେଦନା,
ତେବେ କିପାଁ ଦେଉଅଛ   ଦୁର୍ଦ୍ଧର ଯାତନା ।
ପୂର୍ବ୍ବୁ ଜାଣିଥାନ୍ତି ଯେବେ   ମୋ କପାଳ ଫଟା,
ସାଧେ କି ମୁଁ ହୋଇଥାନ୍ତି   ଏତେ ହଟହଟା ।
ସଂସାରେତ କିଛି ମୋର   ଧୈର୍ଯ୍ୟ ଥିଲା ନାହିଁ,
ତୁମ୍ଭେ ସିନା ପେଷିଲଲୁ   ଆସିଥିଲି ଧାଇଁ ।
କାହିଁ ତୁମ୍ଭ ଆଦେଶର   ପାଳ କାହିଁ କଛି,
ଭୁଲିଯାଇ ସେ ଆଦେଶ   ଦୁଃଖରେ ବସିଛି ।
ପୁଣି ଥରେ ଯେବେ ମୋତେ   ନ ଦେଲ ଦେଖାଇ,
ତେବେ ବୃଥା ରଖିଅଛ   ଏଥି କାହିଁ ପାଇଁ ।
ଶୁଷ୍କ ହୋଇଅଛି ପଦ୍ମ   ମୋ ହୃଦ ବିଶେଷ,
ତୁମେ ନ ପାଳିଲି ଯେଣୁ   ତୁମ୍ଭ ଶୁଭାଦେଶ ।

ଥରେ ଅଧେ ଉପଦେଶ ଭୁଲିଗଲେ ସ୍ପଷ୍ଟ,
ଗୁରୁଙ୍କ ଶିକ୍ଷାନ୍ତ ନାହିଁ ପାସୋରିବା ପାଠ ।
ତୁମ୍ଭେ ତ ଜଗତ ଗୁରୁ ନ ଜାଣ କି ତାହା,
ଆଉ ଥରେ ଭଲ କରେ କହି ଦିଅ ତାହା ।
କହିଦିଅ କି ଆଦେଶ ପାଳନ୍ତ ତୁମ୍ଭର;
ନ ଦେଖାଅ ଭଲ ପ୍ରଭୁ ଆଉ ଏତେ ଡର ।
ଆଶାର କୁହୁକେ ପଡ଼ି ଭୁଲି ଏଠି ସେଠି ।
କେତେ ଖେଳାଇଲ ଯାଏ, ଆଉ ଖଟିଥିବ କେଠି ।
ସଂସାର ଜଟିଳ ପଥେ ପଡ଼ି ଲଗି ଥିବ,
ଆଉ ମୋତେ କରନାହିଁ ଦୁଃଖର ଗହବ ।
ସମଦର୍ଶୀ ବୋଲି ତୁମ୍ଭେ ଜଗତେ ବିଖ୍ୟାତ,
ତେବେ ମୋ ପକ୍ଷେ କିପାଁ ଏତେ ପକ୍ଷପାତ ।
କରୁଣା ଭଣ୍ଡାର ଅବା ଅକ୍ଷୟ ତୁମ୍ଭର,
ତେବେ କିପାଁ ବାଣ୍ଟି ନାହିଁ ଧରିଅଛ କର ।
କୃପାସିନ୍ଧୁ ନାମ ତୁମ୍ଭ ଜଗତେ ବିଦିତ,
କିନ୍ତୁ ମୋ ପକ୍ଷେ ତାହା ପୂର୍ଣ୍ଣ ବିପରୀତ ।
[illegible] ଯଦ୍ୟପି [illegible] କଠୋର ଏସନ,
ତେବେ କିପାଁ ଦେଇଥିଲ ଭରସଡ଼ା ମନ ।
ଗର୍ଭାବଧିରୁଁ ତାହାର ମୁଁ ଅଣିନାହିଁ ବାଛି,
ତୁମ୍ଭେ ସିନା ନିଜେ କଳେ ଦେଇଥିଲ ଯାଚି ।
ପରଦତ୍ତ ଦ୍ରବ୍ୟ ଯେବେ ଖଣ୍ଡି ହେଲା ନାହିଁ,
କେଉଁ ଯୁକ୍ତି ବଳେ ହେବ ସେଥିପାଇଁ ଦାୟୀ ।
ଅକୂଳ ଭବ ସାଗରେ ଦିଶୁନାହିଁ କୂଳ,
ଜୀବନ-ତରଣୀ ତହିଁ ହେଉଛି ଆକୁଳ ।

National Library, Calcutta-27.

ପାପ ଭଉଁସା ଦର୍ଶନେ ଭୀତ ଜବଶାର,
ରିପୁ-ତରଙ୍ଗ ଗର୍ଜ୍ଜନ, ଶୁଣିଣ ସଘନ ।
ସୁବୁଦ୍ଧି-ଶଶକୁ ମୋର ଦୁରାଶା-ମାର୍ଜାର,
ଲାଙ୍ଗୁଳ ଫୁଲାଇ ଝାମ୍ପୁ— ଅଛି ବାରମ୍ବାର ।
ସଙ୍କଟେ ସହାୟ ହୋଇ ନାଶ ଦୁହୁଁ ଦଳ,
ଆର୍ତ୍ତତ୍ରାଣ ନାମ ତବ ହେଉ ହେ ସାର୍ଥକ ।
ଡାକ ଡାକ ତୁମ୍ଭଙ୍କୁ ତ ଛିଣ୍ଡିଗଲା ପାଟି,
ଆଉ ମୁଁ ପାରିବି ନାହିଁ ମରି ଏତେ ଖାଟି ।
ନିଷ୍ଠୁର ହୁଅନ୍ତ ଯେବେ ନ ଥିଲା ଆଉ ବ,
ନଉନ୍ତି ସୁହାସି କାହିଁ କପାଳ ନ ଠୁକ୍କି ।
ମାତ୍ର ଦେଖୁଅଛି ତୁମ୍ଭ କରୁଣା ଅପାର,
ବ୍ୟାପି ରହିଅଛି ସଦା ଅସୀମ ସଂସାରି ।
ଅତଏବ ନିର୍ଦ୍ଦୟ ବା ବୋଲିବ କ ମତେ;
ଏବେ ଅଛା ମୋ ନିଥାରେ କହିବ ପରତେ ।
ଭୁଲ ହେଲ ଏବେ ପ୍ରଭୁ ଯାହା ଇଚ୍ଛା କର,
ହେଉ ପଛେ ସୁବୁଦ୍ଧାନ ନ ହେବି କାତର ।
କିନ୍ତୁ ନାଥ ଏକଭିକ୍ଷା ମାଗୁଛି ପଦ୍ମରେ,
ଅନ୍ତାକ୍ତ ଅସ୍ତିବ ଯାନ ପଛେ ମୋ କର୍ଣ୍ଣରେ ।
ମାତ୍ର ମିଳୁଥାଉ ତୁମ୍ଭ ନାମାମୃତ ପାନ,
ଏହା ବିନା ମାଗୁଣି ମୋ ନାହିଁ କିଛି ଆନ ।

ସମାପ୍ତ ।

—୦—